

PLEDGE 'PLASTIC-FREE' ODISHA

Padma Shri Aruna Mohanty
Odissi Danseuse

#PlasticFreeOdisha

ଧରିତ୍ରୀ DHARITRI TEAM

# ବିକାଶଠାରୁ ଦୂରରେ ମଙ୍ଗରଯୋଡ଼ି ଗାଁ

**ବାଲିମେଳା,୧୩।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ପାର୍କନମାଲା ପଞ୍ଚାୟତର ମଙ୍ଗରଯୋଡି ଗ୍ରାମ। ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଏଠାରେ ଗ୍ରାମବାସୀଙ୍କ ନିକଟରେ ଏଯାଏ ପହଞ୍ଚିନାହିଁ। ସବୁ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି ଗ୍ରାମବାସୀ। ୧୨ କିମି ଚାଲି ଚାଲି ଗଲେ ଏଠି ପିଲାଙ୍କୁ ମିଳେ ପାଠପଢିବା ସୁବିଧା। ଗ୍ରାମକୁ ଯିବାକୁ ଲୋକଙ୍କୁ ତିଆରି କରିବାକୁ ପଡୁଛି ରାସ୍ତା। ଏଥିରୁ ଗ୍ରାମରେ ବିକାଶ ଚିତ୍ର କିପରି ଥିବ ସହଜରେ ଅନୁମେୟ।



ଗ୍ରାମବାସୀ ନିଜ ଗ୍ରାମକୁ ରାସ୍ତା ତିଆରି କରୁଛନ୍ତି ।

ଖଇରପୁଟ ବ୍ଲକର ମୁଖ୍ୟ ରାସ୍ତାଠାରୁ ୨ କିମି ଅତିକ୍ରମ କଲେ ପଡେ ମଙ୍ଗରଯୋଡି ଗାଁ। ଶହେରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଉକ୍ତ ଗ୍ରାମ ସବୁ କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ଗ୍ରାମକୁ ଯିବା ଲାଗି ଭଲ ରାସ୍ତାଟିଏ ନାହିଁ। ୨୦ ବର୍ଷ ତଳେ ତିଆରି ହୋଇଥିବା ରାସ୍ତାର ଚିହ୍ନବର୍ଣ୍ଣ ଏବେ ଆଉ ନାହିଁ। ଭୋଟ ସମୟ ହେଲେ ଜନ ପ୍ରତିନିଧିମାନଙ୍କ ଗାଁ କଥା ମନେପଡେ। ସରକାରୀ ଅଧିକାରୀମାନଙ୍କ ତ କେବେ ପାଦ ପଡେନାହିଁ ମଙ୍ଗରଯୋଡିରେ। ବର୍ଷାଦିନେ ନାହିଁ ନ ଥିବା ଅସୁବିଧା ଭୋଗନ୍ତି ଗ୍ରାମବାସୀ। ବାରମ୍ବାର ରାସ୍ତାଟିଏ ପାଇଁ ପ୍ରଶାସନ ନିକଟରେ ଦାବି ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଶେଷରେ ଗ୍ରାମବାସୀ ନିଜ ଗାଁକୁ ନିଜେ ରାସ୍ତା କରିଛନ୍ତି। ସମସ୍ତେ ଏକାଠି ହୋଇଛନ୍ତି। ଗ୍ରାମର ବିକାଶ ପାଇଁ ପଲ୍ଲିସଭା ହେଉଥିଲେ ମଧ୍ୟ ଏଠାରେ ପଲ୍ଲିସଭା ପ୍ରହସନରେ ପରିଣତ ହୋଇଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଶହେ ପରିବାର ବସବାସ କରୁଥିଲେ ମଧ୍ୟ ମଙ୍ଗରଯୋଡିରେ ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ। ଛୋଟ ପିଲାମାନେ ୪/୫ କିମି ଦୂର ସୁନାନଗର କିମ୍ବା ହାତୀଆମ୍ବ ଅଙ୍ଗନୱାଡି କେନ୍ଦ୍ରକୁ ଚାଲି ଚାଲି ଯାଇଥାନ୍ତି। ଶିକ୍ଷାକ୍ଷେତ୍ରରେ ମଧ୍ୟ ଅବହେଳିତ ହୋଇଛି ଏହି ଗ୍ରାମ। ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ପିଲାମାନେ ଗ୍ରାମଠାରୁ ୧୦/୧୨ କିମି ଚାଲି ଚାଲି ଯାଇଥାନ୍ତି କୁଶପାଲି ବିଦ୍ୟାଳୟକୁ। ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି ଗ୍ରାମରେ। ବର୍ଷାଦିନେ ଯେ କୌଣସି ପ୍ରକାରେ ଚଳିଯାଉଥିବା ଗ୍ରାମବାସୀ ଖରାଦିନେ ପାନୀୟ ଜଳ ପାଇଁ ଜଳକଷ୍ଟ ଭୋଗିଥାନ୍ତି। ଗ୍ରାମରେ ଥିବା ୨ଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ହୋଇପଡିଛି। ଅନ୍ୟ ଗୋଟିଏ ଉପରେ ଶହେ ପରିବାର ନିର୍ଭର କରନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କହନ୍ତି ଗ୍ରାମର ସୁନା ହନ୍ତାଳ, ସୋନୁ ଆଲମ, ସୁନା ଖେମୁଡୁ, ରାମଚନ୍ଦ୍ର ଆଲମ, ଲଛମନ ଆଲମ ଓ ସମରା ହନ୍ତାଳ।

# କ୍ଷତିପୂରଣ ଦେବା ପରେ ବ୍ୟବଚ୍ଛେଦ ହେଲା ମୃତଦେହ

**କାଳିମେଳା,୧୩।୧୦(ଡି.ଏନ.ଏ)–** ମାଲାକନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ମାଲକାନଗିରି ମୋଟୁ ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲିମେଟଲା ଛକ ମଧ୍ୟରେ ଗତ ଗୁରୁବାର ଏକ କୁକୁଡା ବୋଝେଇ ଭ୍ୟାନ ଓ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ପ୍ରାଣ ହରାଇଥିବା ୩ ବାଇକ ଆରୋହୀଙ୍କ ପରିଚୟ ମିଳିଛି। ସେମାନଙ୍କ ମୃତଦେହକୁ କାଳିମେଳା ମେଡିକାଲରେ ବ୍ୟବଛେଦ କରାଯାଇଛି । ସେମାନେ ହେଉଛନ୍ତି ମାନ୍ୟମକୋଣ୍ଡା ପଞ୍ଚାୟତର କୁସୁମପୁଟ ଗ୍ରାମର ରଥ ଗାଦବା(୩୫) ଓ ତାଙ୍କ ସ୍ତ୍ରୀ ତୁଳସୀମା ଗାଦବା (୩୦) ଏବଂ ଅନ୍ୟ ଜଣେ ମାନ୍ୟମକୋଣ୍ଡା ଗ୍ରାମର ଡମ୍ବରୁ ଗାଦବା (୫୦)ବୋଲି ଜଣାପଡିଛି ।ରଥଙ୍କ ସ୍ତ୍ରୀ ତୁଳସୀମା ତାଙ୍କ ବାପଘର ଖଇରପୁଟକୁ ବୁଲିବାକୁ ଯାଉଥିଲେ। ରଥ ଓ ଡମ୍ବରୁ ଗୁରୁବାର ସକାଳେ ତାଙ୍କୁ ଆଣିବାକୁ ଯାଇଥିଲେ । ଗୋଟିଏ ବାଇକରେ ୩ ଜଣ ମାନ୍ୟମକୋଣ୍ଡା ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ଘଟାଇଥିବା ମାଲାକନଗିରିର ଭ୍ୟାନ ମାଲିକ ଆସି କ୍ଷତପୂରଣ ଦେବାକୁ ଲୋକମାନେ ଦାବି କରିଥିଲେ । ଯେ ପର୍ଯ୍ୟନ୍ତ କ୍ଷତିପୂରଣ ନ ମିଳିଛି ସେ ପର୍ଯ୍ୟନ୍ତ ବ୍ୟବଛେଦ ହୋଇପାରିବ ନାହିଁ ବୋଲି ଅଡି ବସିଥିଲେ । ପରେ ଭ୍ୟାନ ମାଲିକଙ୍କ ୨ ଜଣ ସହଯୋଗୀ ଆସିବା ପରେ କାଳିମେଳାର କିଛି ବ୍ୟକ୍ତି ଏବଂ କୁସୁମପୁଟ ଓ ମାନ୍ୟମକୋଣ୍ଡା ଗ୍ରାମର ଲୋକମାନଙ୍କ ମଧ୍ୟରେ ଏକ ବୈଠକ ବସିଥିଲା। ଭ୍ୟାନ ମାଲିକ କ୍ଷତିପୂରଣ ଦେବାପରେ ଅପରାହ୍ନ ୩ଟାରେ ବ୍ୟବଚ୍ଛେଦ ହୋଇଥିଲା। ବାପା ମାଙ୍କ ମୃତ୍ୟୁ ପରେ ରଥଙ୍କ ଦୁଇ ପୁଅ ରବିନ୍ଦ୍ର (୧୦)ଓ ସୁରେନ୍ଦ୍ର (୮) ଅସହାୟ ହୋଇପଡିଛନ୍ତି । ମାଲକାନଗିରି ବିଧାୟକ ମାନସ ମାଡକାମି ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଦୁଇପରିବାକୁ ସରକାରୀ ସହାୟତା ଦେବାକୁ ଦାବି ହେଉଛି ।



ମାଲକାନଗିରି ଜିଲା ମାଥିଲି ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ସହରକୁ ପଲିଥିନ, ପ୍ଲାଷ୍ଟିକମୁକ୍ତ କରିବାକୁ ସଚେତନ କରୁଛନ୍ତି ।

# ଉଦୟ ଯୋଜନାରେ ଉନ୍ନୟନ କାର୍ଯ୍ୟ କରିବେ ୯୦ ସ୍ୱେଚ୍ଛାସେବୀ

**ମାଲକାନଗିରି,୧୩।୧୦ (ଡି.ଏନ.ଏ)**

ମାଲକାନଗିରି ଜିଲାରେ କିସ୍, ୟୁନ୍‌ଫା, ରିସ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ଓ ଓଡ଼ିଶା ସରକାରଙ୍କ ସହଯୋଗରେ ଜିଲାର ଆଦିବାସୀ ଯୁବତୀଯୁବକଙ୍କୁ ନେଇ ଉଦୟ ଯୋଜନା ଗଠନ କରାଯାଇଛି । କୁସଂସ୍କାର ଦୂରୀକରଣ, ଜନସଚେତନତା, ଗ୍ରାମାଞ୍ଚଳ ଶିକ୍ଷାର ବିକାଶ, ଗମନାଗମନ, ଦାରିଦ୍ର୍ୟ ଦୂରୀକରଣ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ , ବାର୍ଦ୍ଧକ୍ୟ ଭତ୍ତା, ଚିକିତ୍ସା ସୁବିଧା ଆଦି ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏନେଇ ଅନୁଷ୍ଠିତ ଏକ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ୯୦ ଜଣ ଯୁବତୀ ଯୁବକ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବେ ବୋଲି ଶପଥ ନେଇଛନ୍ତି। ମାଲକାନଗିରି ଜିଲା ସଦର ମହକୁମା



ଉଦୟ ଯୋଜନାରେ ସାମିଲ ହୋଇଥିବା ଯୁବତୀ ଯୁବକ ।

ମାଲ୍ୟବନ୍ତ ବାଳକ ଛାତ୍ରାବାସ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିସ୍‌ର ଆଞ୍ଚଳିକ ସଂଯୋଜକ ଜ୍ଞାନେନ୍ଦ୍ର ଧଳ ଅଧ୍ୟକ୍ଷତା କରିଥିଲେ। ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ହାରମୋନି ଅଧ୍ୟକ୍ଷ ଦୁର୍ଗା ତ୍ରିପାଠୀ, ସାଗର ପରିଡା, ସମାଜସେବୀ କେ.ଦେଶି ରାଜୁ ଆଚାରି ଯୋଗଦେଇଥିଲେ। ଯୁବତୀ ଯୁବକଙ୍କୁ ଜିଲାର ପୂର୍ବସ୍ଥିତି, ବର୍ତ୍ତମାନ ସ୍ଥିତି ଏବଂ ଆଗାମୀ ସ୍ଥିତି ସମ୍ପର୍କରେ ଗ୍ରାମାଞ୍ଚଳରୁ ତଥ୍ୟ ସଂଗ୍ରହ କରି ଲୋକଲୋଚନକୁ ଆଣିବା, ନିର୍ଭୟରେ ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କୁ ସେବା ଯୋଗାଇବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ରମ୍ୟରଞ୍ଜନ ପରିଡା, ପ୍ରସାଦ ନାୟକ, ଜୟନ୍ତୀ ବୁରୁଦା ପ୍ରମୁଖ ପରିଚାଳନା କରିଥିଲେ ।

## ଛାତ୍ରୀଙ୍କ ସନ୍ଦେହଜନକ ଆତ୍ମହତ୍ୟା

**କବିସୂର୍ଯ୍ୟନଗର,୧୩।୧୦**

ସ୍ଥାନୀୟ ଏନ୍‌ଏସି ଗୋପିନାଥପାଟଣାର ଜଣେ ଯୁବତୀ ନିଜ ଘରେ ଫାଶି ଲଗାଇ ଶନିବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ସେହେଲେ ଭୀମସେନ ବେହେରାଙ୍କ ସାନଝିଅ ମାନସୀ ବେହେରା (୧୮)। ଆଇଆଇସି ବିଭସ କୁମାର ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛନ୍ତି। ଏନେଇ ନଂ. ୧୨/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।









ନିର୍ଭୀକ ଲୋକ ହିଁ ସୁଯୋଗ ପାଇଲେ ଶିଖର ଦେଶରେ ପହଞ୍ଚିଥାଏ।
- ସେକ୍ସପିୟର



## ସଂକ୍ଷେପରେ



### ଜିଲାସ୍ତରୀୟ ଉଦୟ ମିଶନ କର୍ମଶାଳା

କୋରାପୁଟ,୧୩।୧୦(ସ୍ୱ.ପ୍ର.): ୟୁନିସେଫ ଓ କିସର ମିଳିତ ଉଦ୍ୟମରେ ଶନିବାର ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟରେ ଜିଲାସ୍ତରୀୟ ଉଦୟ ମିଶନ କର୍ମଶାଳା ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, କୋରାପୁଟ ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆ, କିସ୍‌ର ବ୍ରଜମୋହନ ହୋତା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହା ଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ୧୯ରୁ ୩୦ ବର୍ଷ ବୟସର ଯୁବତୀ ଯୁବକଙ୍କୁ ଆତ୍ମନିର୍ଭରଶୀଳ ପାଇଁ ତାଲିମ ପ୍ରଦାନ କରିବା ସହ ସରକାରୀ ଯୋଜନାର ଲାଭ ଉଠାଇ ସମାଜରୁ ବେକାରୀ ସମସ୍ୟା ଦୂର କରିବା ଲକ୍ଷ୍ୟ ରଖାଯାଇଛି। ଖବରଦାତା କୀର୍ତ୍ତିଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ କୋରାପୁଟ ଜିଲାର ୧୪ଟି ବ୍ଲକ ଅଞ୍ଚଳରୁ ୯୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ସାମିଲ ହୋଇ ସମାଜ ପରିବର୍ତ୍ତନ କରିବା ପାଇଁ ଶପଥ ନେଇଥିଲେ । କିସର ଜିଲା ସଂଯୋଜକ ମାନସ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୁଡାରୀରେ ୨୮୦୦ ହେକ୍ଟର କପାଚାଷ ନଷ୍ଟ

ଗୁଡାରୀ, ୧୩।୧୦ (ଡି.ଏନ୍.ଏ.): ସାମୁଦ୍ରିକ ଝଡ଼ 'ତିତ୍‌ଲି' ପ୍ରଭାବରେ ଗୁଡାରୀ ବ୍ଲକରେ ୨୮୦୦ ହେକ୍ଟର କପାଚାଷ କ୍ଷତିଗ୍ରସ୍ତ ହୋଇଛି । ଏଥିସହ ୨୯୧ ହେକ୍ଟର ଧାନ କ୍ଷତିଗ୍ରସ୍ତ ହୋଇଥିବା ଗୁଡାରୀ କୃଷି ଅଧିକାରୀ ସନାତନ ବେହେରା ପ୍ରକାଶ କରିଛନ୍ତି । ତାଙ୍କ କହିବାନୁଯାୟୀ, ବ୍ଲକରେ ମୋଟ ୪୬୯୦ ହେକ୍ଟର ଧାନ ଓ ୨୮୦୦ ହେକ୍ଟର କପା ଚାଷ କରାଯାଇଛି। ସମସ୍ତ ୨୮୦୦ ହେକ୍ଟର କପାଚାଷ ନଷ୍ଟ ହୋଇଛି। ବିଭାଗ ତରଫରୁ ଶନିବାର ଉପଜିଲାପାଳଙ୍କୁ କ୍ଷତିଗ୍ରସ୍ତ ରିପୋର୍ଟ ପ୍ରଦାନ କରାଯାଇଛି। କ୍ଷୟକ୍ଷତିର ସମ୍ପୂର୍ଣ୍ଣ ରିପୋର୍ଟ ଆସନ୍ତା ଏକ ସପ୍ତାହ ପରେ ଜଣାପଡିବ ।

### ପାଡୁଆ ପିଏଚ୍‌ସିରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ



ନନ୍ଦପୁର,୧୩।୧୦(ଡି.ଏନ୍.ଏ): କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଟିଏ ୧୦୮ ଆମ୍ବୁଲାନ୍ସ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଆମ୍ବୁଲାନ୍ସକୁ ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଧ୍ରୁବରାଜ ମୁର୍ମୁ, ପୂର୍ବତନ ବ୍ଲକ୍ ଅଧକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା, ବିଜେଡି ବ୍ଲକ୍ ସଭାପତି ରାମେଶ୍ୱର ଦୋରା, ସମ୍ପାଦକ ଶେଖ୍ ନୁର୍ ମହମ୍ମଦ , ଶଶି ପଟ୍ଟନାୟକ, କାଶୀନାଥ ଗୋଲରୀ, ଶେଖ୍ ମହମ୍ମଦ୍, ଶେଖ୍ ବାଜି ପ୍ରମୁଖ ଉପସ୍ଥିତ ଥିଲେ। ପାଡୁଆ ଅଞ୍ଚଳ ଆନ୍ଧ୍ର ସୀମାନ୍ତ ହୋଇଥିବାବେଳେ ଦୁର୍ଗମ ଅଞ୍ଚଳ ଲୋକେ ଏହି ଆମ୍ବୁଲାନ୍ସ ସେବା ପାଇପାରିବେ।

### ଗଞ୍ଜେଇ ଚାଲାଣ ଲିଙ୍କ୍ ବ୍ଲକ ଉପାଧକ୍ଷ ଅଟକ

ଜୟପୁର,୧୩।୧୦(ନି.ପ୍ର.): ଗଞ୍ଜେଇ ଚାଲାଣ ଲିଙ୍କ ସନ୍ଦେହରେ ବୋରିଗୁମ୍ମା ବ୍ଲକ ଉପାଧକ୍ଷ ଜେ. ଶ୍ରୀନିବାସ ରାଓଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ଗତ ୨୮ ସେପ୍ଟେମ୍ବର ୨୦୧୮ରେ ଲମତାପୁଟ ପୋଲିସ ୩ ଟନରୁ ଅଧିକ ଗଞ୍ଜେଇ ବୋଝେଇ ଗାଡ଼ି ଜବତ କରିଥିଲା । ଘଟଣା ଦିନ ପୋଲିସକୁ ଦେଖି ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ । ପୋଲିସ ଜବତ କରିଥିବା ଗାଡ଼ିକୁ ଯାଞ୍ଚ କରିବା ପରେ ବୋରିଗୁମ୍ମା ବ୍ଲକ ଉପାଧକ୍ଷ ରାଓଙ୍କ ଗାଡ଼ି ବୋଲି ଜାଣିବାକୁ ପାଇଛି । ଶ୍ରୀନିବାସଙ୍କୁ ଜୟପୁର ସଦର ଥାନାରେ ଅଟକ ରଖାଯାଇଥିବା ବେଳେ ପଚରାଉଚରା କରି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଏସ୍‌ପି ଭି.ଆର୍. ରାଓ ସୂଚନା ଦେଇଛନ୍ତି ।

# ରାସ୍ତା ନିର୍ମାଣ ଦାବିରେ ଆନ୍ଦୋଳନ

ପଟ୍ଟାଙ୍ଗି,୧୩।୧୦(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ଦେଓପଟ୍ଟାଙ୍ଗି, ପୁକାଲି ଓ ସମ୍ବାଇ ସମେତ ଅନ୍ୟ ପଞ୍ଚାୟତ ଓ ଆନ୍ଧ୍ରର ଆରକୁ ଯିବା ପାଇଁ ରହିଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅଧୀନ ରାସ୍ତା ବାର ବର୍ଷ ଧରି ଶୋଚନୀୟ ଅବସ୍ଥାରେ ରହିଛି। ୫ ବର୍ଷ ତଳେ ଜଣେ ଠିକାଦାର ଏହି ରାସ୍ତାର ନିର୍ମାଣ କାମ ଆରମ୍ଭ କରିଥିଲେ ମଧ୍ୟ ସମୟ ସୀମା ମଧ୍ୟରେ ଶେଷ କରିପାରି ନଥିଲେ। ଏହି ଅବ୍ୟବସ୍ଥା ପ୍ରତିବାଦରେ ଶନିବାର ଶଙ୍କର ପାଙ୍ଗି, ଡମ୍ବରୁ ଧର ଗୋଲରି, ନାରାୟଣ ଖିଲ, ଜୟରାମ ଖିନବୁଡି, ତାଉଡୁ ଦୋରା, ତ୍ରିନାଥ ମାସାଡି, ଆପ୍ପା ପଣ୍ଡେଇ, ଏରାନା ପୂଜାରି ଓ ସନୁ ବୁରୁଡିଙ୍କ ନେତୃତ୍ୱରେ ୫ଟି ପଞ୍ଚାୟତର ଗ୍ରାମବାସୀ ଏକଜୁଟ ହୋଇ ଶୋଭାଯାତ୍ରା କରିଛନ୍ତି। ଶୋଭାଯାତ୍ରା ପୁକାଲି ସାପ୍ତାହିକ ହାଟ ଅତିକ୍ରମ କରିବା ପରେ ଅଧାପନ୍ତରିଆ ରାସ୍ତା ଉପରେ ସେମାନେ ଧାରଣା ଦେଇଛନ୍ତି। ଅଧାପନ୍ତରିଆ ରାସ୍ତାର ନିର୍ମାଣ କାମ ତୁରନ୍ତ ଆରମ୍ଭ କରିବା ପାଇଁ ସେମାନେ ଦାବି କରିଥିଲେ। ଖବର ପାଇ ଆରଡି ବିଭାଗ ଯନ୍ତ୍ରୀ ମନୋରଞ୍ଜନ ପରିଡା ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ସେମାନଙ୍କ ସମସ୍ୟା ଓ ଦାବିକୁ ଦୃଷ୍ଟିରେ ରଖି ଦଶହରା ପରେ ଆସନ୍ତା ୨୬ରୁ ରାସ୍ତା ନିର୍ମାଣରେ ନିୟୋଜିତ ହୋଇଥିବା ଠିକାଦାରଙ୍କ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିରେ ଅବହେଳା ହେଲେ ରାସ୍ତା ସହ ବ୍ରିଜ କାମ ଆରଡି ବିଭାଗ ନିଜ ଦାୟିତ୍ୱରେ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା ।



ରାସ୍ତା ନିର୍ମାଣ ଦାବିରେ ଧାରଣାରେ ବସିଛନ୍ତି ଆନ୍ଦୋଳନକାରୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଜ ଘରେ କୁଟି ଖାଇବ ଧାନ,**
**ନିଜ ବଳ ଯୁଝି କାଢ଼ିବ ତାନ ।**

ନିଜ ମାନ ସମ୍ମାନ ନିଜେ ଜଗି ଚଳିବା ଉଚିତ। ନିଜ ଘରେ ଧାନ କୁଟି ଖାଇବ ପଛେ ପର ଆଗରେ ହାତ ପତେଇବା ଉଚିତ ହୋଇ ନ ଥାଏ। ସେହିପରି ନିଜର ବଳ, ସାମର୍ଥ୍ୟ ତଥା ଯୋଗ୍ୟତାକୁ ଆକଳନ କରି ପର ଉପରେ ଅଧିକାର ବା ହୁକୁମାତି ଦେଖାଇବାକୁ ସାହସ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ତଳେ କାଉଁରିଆ ;**
**ଯାଉଛି ପଛକେ ଏ ଘରୁ ମୁହିଁ,**
**ଆଉ ନ କର କଜିଆ ।**

ଦାମ୍ପତ୍ୟ ଜୀବନରେ କଳହ ଏକ ସାଧାରଣ କଥା । ବେଳେ ବେଳେ ସାମାନ୍ୟ କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥାଏ। କଥା କଟାକଟିରୁ ପରିସ୍ଥିତି ଏପରି ଅଣାୟତ୍ତ ହୋଇଯାଏ ଯେ କେହି କାହାର ଉପସ୍ଥିତିକୁ ସହ୍ୟ କରିପାରି ନ ଥାନ୍ତି। ଏପରି ସ୍ଥଳେ କଳହକୁ ପ୍ରଶମିତ କରିବାକୁ ଯାଇ ଜଣେ ଅନ୍ୟ ଜଣଙ୍କଠାରୁ ଦୂରେଇ ଯିବା ଲାଗି ମନସ୍ଥ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୋରାପୁଟ ପାଇଁ ୫ ଆମ୍ବୁଲାନ୍ସର ଶୁଭାରମ୍ଭ



କୋରାପୁଟ ଏମ୍‌ପି ଓ ଅନ୍ୟ ଅତିଥି ପତାକା ଦେଖାଇ ଆମ୍ବୁଲାନ୍ସର ଶୁଭାରମ୍ଭ କରୁଛନ୍ତି ।

କୋରାପୁଟ,୧୩।୧୦(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ପକ୍ଷରୁ କୋରାପୁଟ ଜିଲା ପାଇଁ ଆସିଥିବା ୫ଟି ଆମ୍ବୁଲାନ୍ସକୁ ଶନିବାର କୋରାପୁଟ ଏମ୍‌ପି ଝିନ୍ନ ହିକ୍କା ଉଦ୍‌ଘାଟନ କରିଛନ୍ତି। କୋରାପୁଟ ମେଡିକାଲ କଲେଜଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ହିକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଆମ୍ବୁଲାନ୍ସ ସେବାର ଉଦ୍‌ଘାଟନ କରିବା ସହ ଏହାଦ୍ୱାରା ଜିଲାବାସୀ ଉପକୃତ ହେବେ ବୋଲି କହିଛନ୍ତି। ଏହି ଆମ୍ବୁଲାନ୍ସ ଜିଲାର ରାମଗିରି, କୁସୁମି, କାକିରିଗୁମ୍ମା, ପାଡୁଆ, ଜୟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲଳିତ ମୋହନ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଅନ୍ୟତମ ଅତିଥି ଭାବେ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ପଟ୍ଟାଙ୍ଗୀ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ପ୍ରଫୁଲ୍ଲ କୁମାର ପାଙ୍ଗି ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର କାଳି ପ୍ରସାଦ ବେହେରା, ଡିପିଏମ ଶୁଭକାନ୍ତ ଗନ୍ତାୟତ, ହସପିଟାଲ ମ୍ୟାନେଜର ଅଭିରାମ ସାହୁ ଉପସ୍ଥିତ ଥିଲେ।

# ଗାଈ ଚରାଳିଙ୍କ ବେକ କାଟି ହତ୍ୟା

## ମାଓବାଦୀଙ୍କ ହାତ ସନ୍ଦେହ

ନନ୍ଦପୁର, ୧୩।୧୦(ଡି.ଏନ୍.ଏ)

କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ କସନ୍ଧି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଡ୍ରା ଗ୍ରାମର ରଘୁ ହନ୍ତାଳ(୫୫)ଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ ଡମାଇ ଶନିବାର ନନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ରଘୁ ଗ୍ରାମର ରାମଚନ୍ଦ୍ର ହନ୍ତାଳଙ୍କ ସମେତ ଅନ୍ୟ ୪ ଜଣଙ୍କ ସହିତ ଶୁକ୍ରବାର ଗାଈ ଚରାଇବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଅନ୍ୟମାନେ ଘରକୁ ଫେରିଥିଲେ ମଧ୍ୟ ରଘୁ ଫେରି ନ ଥିଲେ। ଏହାପରେ ପରିବାର ସଦସ୍ୟ ଏବଂ ଗ୍ରାମର କିଛି ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ବିଳମ୍ବିତ ରାତି ଯାଏ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ଗ୍ରାମ ନିକଟସ୍ଥ ସାଲିମ୍ ଝୋଲାରେ ବେକକଟା ଅବସ୍ଥାରେ ରଘୁଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। କିନ୍ତୁ ରଘୁଙ୍କ ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇ ନାହିଁ। ବେକରେ କଟାଦାଗ ଥିବାରୁ ରଘୁଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। କିଏ ଏବଂ କାହିଁକି ରଘୁଙ୍କୁ ହତ୍ୟା କରିଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏହା ମାଓବାଦୀଙ୍କ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ସେମାନେ ହତ୍ୟା କରିଥିବା ନେଇ ନନ୍ଦପୁର ଥାନା ଆଇଆଇସି ଚନ୍ଦ୍ରଶେଖର ଶବର ସନ୍ଦେହ ପ୍ରକାଶ କରିଛନ୍ତି। ଏ ନେଇ ୮୨/୧୮ରେ ଏକ ମାମଲା ରୁଜୁ ହୋଇଛି।

■ ବର୍ଷେରୁ ଉର୍ଦ୍ଧ୍ୱ ହେଲାଣି

# ଅନ୍ଧାରରେ ୩ ଗ୍ରାମର ଲୋକେ

ଟିକିରି, ୧୩।୧୦ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍‌କରଣ ଯୋଜନାରେ ଗରିବ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା । ସେଥିମଧ୍ୟରୁ ଖଟାପଦର, କୁକୁଡାପଦା ଓ ଡି. ସୁରକା ଗ୍ରାମରେ ମଧ୍ୟ ତିନି ବର୍ଷ ତଳେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା । ଗ୍ରାମରେ ବିଦ୍ୟୁତ୍ ଦେଖି ଲୋକେ ଖୁସି ହେବା ସହ ବେଶ୍ ଉପକୃତ ମଧ୍ୟ ହୋଇଥିଲେ । ହେଲେ ବର୍ଷେ ହେବ ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀ ଏବେ ଡିବିରି ଆଲୁଅ ଭରସାରେ ରହୁଛନ୍ତି। ଉକ୍ତ ୩ ଗ୍ରାମର ଲୋକେ ବାରମ୍ବାର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି । କିନ୍ତୁ କିଛି ସୁଫଳ ମିଳିନାହିଁ । ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବା କହି ବିଭାଗ ପକ୍ଷରୁ ବିଦ୍ୟୁତ୍ କାଟ୍ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବିଦ୍ୟୁତ୍ ବିଲ୍ ପୈଠ କରାଯାଇ ନ ଥିବାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ବକେୟା ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ରାଜିଥିବା ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ଶୀଘ୍ର ଗ୍ରାମରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରଧାନଶିକ୍ଷକଙ୍କ ନାଁରେ ଜିଲାପାଳଙ୍କୁ ଫେରାଦ

**ରେଙ୍ଗା ସେବାଶ୍ରମ**

କୋରାପୁଟ,୧୩।୧୦(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ରେଙ୍ଗା ସେବାଶ୍ରମ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକଳାପ ବିରୋଧରେ ଶନିବାର ଅପରାହ୍ନରେ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି। ଜଗୁ ତେନ୍ତୁଳିପାଡିଆ, ଗଙ୍ଗା ଖରା, ପୂର୍ଣ୍ଣ ଖିନବୁଡି, ସୁନା ତେନ୍ତୁଳିପାଡିଆ, ସଦନ ଗିରିଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଓ ଛାତ୍ର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଜିଲା ମଙ୍ଗଳ ଅଧିକାରୀ ଜଗନ୍ନାଥ ସୋରେନଙ୍କୁ ଭେଟି ରେଙ୍ଗା ଉନ୍ନୀତ ପ୍ରାଥମିକ ସେବାଶ୍ରମର ପ୍ରଧାନ ଶିକ୍ଷକ ଏସ୍. ପାଟଶାନିଙ୍କ ବଦଳି ଦାବି କରିଛନ୍ତି। ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ନାମରେ ବିଭିନ୍ନ ସମୟରେ ମାଡ଼ ମାରୁଥିବା ଓ ଅଭିଭାବକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟରେ ରହୁଥିବା ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବେ ଖାଦ୍ୟ ଦେଉନଥିବା ଓ ବସ୍ତା ବସ୍ତା ଚାଉଳ ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ ସେ ପୂର୍ବରୁ ସୁନାବେଡା ଆଶ୍ରମ ବିଦ୍ୟାଳୟରେ ଥିବା ସମୟରେ ମଧ ମଧ୍ୟାହ୍ନ ଭୋଜନ ପାଇଁ ବିଦ୍ୟାଳୟକୁ ଆସିଥିବା ୩୦ ବସ୍ତା ଚାଉଳକୁ ବାହାରେ ବିକ୍ରି କରିବା ପାଇଁ ଚାଲାଣ କରୁଥିବାବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଥିଲେ । ତାଙ୍କ ବିରୋଧରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଥିଲା। ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟର ତଦନ୍ତ କରାଯାଇ ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ନେବି ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ରେଙ୍ଗା ଗ୍ରାମବାସୀ।

# ଧାନ ଗଛରେ ମାଟିଆଗୁଣ୍ଡି ପୋକ, ଚିନ୍ତାରେ ଚାଷୀ

ଟିକିରି,୧୩।୧୦(ଡି.ଏନ୍.ଏ)

କାଶୀପୁର ବ୍ଲକ ବିଭିନ୍ନ ଗ୍ରାମରେ ଧାନ ଫସଲରେ ପୋକ ଲାଗିଥିବା ଦେଖିବାକୁ ଲାଗିଛି । ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି । ବିଶେଷ କରି ଧାନଫସଲରେ ପତ୍ରପୋଡ଼ା ରୋଗ ହେବା ସହ ମାଟିଆଗୁଣ୍ଡି ପୋକ ଲାଗିଛି। ଏନେଇ ଚାଷୀମାନେ କୃଷି ଅଧିକାରୀଙ୍କୁ ଜଣାଇଥିଲେ । ହେଲେ ସେ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରିକି ନିର୍ଦ୍ଦିଷ୍ଟ ଦୋକାନରୁ କୀଟନାଶକ ଔଷଧ କିଣି ପ୍ରୟୋଗ କରିବାକୁ କହୁଥିବା ଚାଷୀମାନେ କହିଛନ୍ତି । ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗ ପକ୍ଷରୁ ତୁରନ୍ତ କୀଟନାଶକ ପ୍ରଦାନ କରିବାକୁ ଲଚ୍ଛୁଗୁଡ଼ା ଗ୍ରାମର ଦୁର୍ଯ୍ୟୋଧନ ଗୌଡ଼,ତ୍ରିନାଥ ଗୌଡ଼ଙ୍କ ସମେତ ଚାଷୀମାନେ ଦାବି କରିଛନ୍ତି ।



ଜଣେ ଚାଷୀ ପୋକ ଲାଗିଥିବା ଧାନ ଗଛକୁ ଦେଖାଉଛନ୍ତି।

# ନିର୍ମାଣାଧୀନ ରିଟେନିଂ ୱାଲ୍ କାମ ନିମ୍ନମାନର ଅଭିଯୋଗ

ସେମିଳିଗୁଡ଼ା,୧୩।୧୦(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ୍ ଗୁଣ୍ଡାପୁଟ ପଞ୍ଚାୟତ ଉଷାଯୋଡ଼ି ନିକଟସ୍ଥ ୨୫୦ ମିଟର ରିଟେନିଂ ୱାଲ୍ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ବାଲି ବଦଳରେ ମାଟି ମିଶାଯାଇ ନିର୍ମାଣ କାମ ହେଉଛି। କିନ୍ତୁ କାର୍ଯ୍ୟ ତଦାରଖ ପାଇଁ ଜେଇଙ୍କ ଦେଖା ମିଳୁ ନ ଥିବା, କାର୍ଯ୍ୟରେ ପିସି କାରବାର ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଠିକାସଂସ୍ଥା ମାଲିକ ଏବଂ ପ୍ରଶାସନର ନୀରବତା ଉପରେ ଗୁଣ୍ଡାପୁଟ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ଯେଉଁମାନେ ପାଟି ଖୋଲୁଛନ୍ତି, ସେମାନଙ୍କୁ ହାତଗୁଞ୍ଜା ଦିଆଯାଇ ସନ୍ତୁଷ୍ଟ କରାଯାଉଥିବା ଗ୍ରାମବାସୀ କହିଛନ୍ତି । ଚିକିଲି ବାଲି ଏବଂ ରିଟେନିଂ ଛଡ଼ ମଧ କାର୍ଯ୍ୟରେ ବ୍ୟବହାର କରାଯାଉ ନାହିଁ । କମ୍ ଦିନରେ ୱାଲ୍ ଭୁଶୁଡ଼ି ପଡ଼ିବା ନେଇ ଗ୍ରାମବାସୀ ଆଶଙ୍କାବ୍ୟକ୍ତ କରିଛନ୍ତି। କାର୍ଯ୍ୟରତ ସୁପରଭାଇଜର ନାମ ଗୋପନ ରଖି କହିଛନ୍ତି, ଚିକିଲି ବାଲିରେ ରିଟେନିଂ ୱାଲ୍ କାର୍ଯ୍ୟକଲେ ଏହା ଫାଟିଯାଉଛି। ତେଣୁ ମାଟିଆ ବାଲିରେ କାମ ହେଉଥିବା ସେ ପ୍ରକାଶ କରିଛନ୍ତି।



ଉଷାଯୋଡ଼ି ନିକଟରେ ରିଟେନିଂ ୱାଲ୍ କାମ ଚାଲିଛି।

# ଗୁରୁଣ୍ଡି ଗୁରୁଣ୍ଡି ସ୍କୁଲ ଆସନ୍ତି ଭୂମିକା

ଜେକେପୁର, ୧୩।୧୦(ଡି.ଏନ୍.ଏ.)

ମୋ ନାମ ଭୂମିକା, ବୟସ ୭ବର୍ଷ। ପାଠ ପଢିବାକୁ ମୋତେ ଯେତିକି ଇଚ୍ଛା ଖେଳିବାକୁ ତାଠାରୁ ଅଧିକ ଇଚ୍ଛା। ଛୋଟ ବେଳେ ମୁଁ ନିଆଁରେ ପଡି ଯିବାରୁ ମୋର ଦୁଇଟି ଗୋଡ ପୋଡିଗଲା। ସେଦିନ ଠାରୁ ମୁଁ ଆଉ ଚାଲିପାରୁନାହିଁ କି ଦୌଡି ପାରୁନାହିଁ। ସାଙ୍ଗମାନେ ଖେଳୁଥିବା ଦେଖି ମୋତେ ବେଶୀ କାନ୍ଦ ଲାଗେ ବୋଲି ଦୁଃଖରେ କହିଛନ୍ତି ରାୟଗଡା ଜିଲା କୋଲନରା ବ୍ଲକ ଭୋଇମଡା ପଞ୍ଚାୟତ ସଦର ଗ୍ରାମର ମୋହନ ମାଣ୍ଡାଙ୍ଗିଙ୍କ ଝିଅ ଭୂମିକା।

ଜନ୍ମର କିଛି ମାସ ପରେ ଘରେ ରଖାଯାଇଥିବା ନିଆଁ କୁମ୍ଭେଇଁରେ ହଠାତ୍ ଭୂମିକା ପଡିଯାଇଥିଲେ। ଏଥିରେ ତାଙ୍କ ଗୋଡ ଦୁଇଟି ଅଧିକ ପୋଡି ଯାଇଥିବାରୁ ତାହାକୁ କାଟି ଦିଆଯାଇଥିଲା। ଡାହାଣ ଗୋଡଟି ଜଙ୍ଘ ପର୍ଯ୍ୟନ୍ତ ଓ ବାମ ଗୋଡ ଆଣ୍ଠୁ ପର୍ଯ୍ୟନ୍ତ ରହିଛି। ପାଦ ନ ଥିବାରୁ ସେ ଚାଲିବାକୁ ସକ୍ଷମ ହୋଇପାରୁ ନାହାନ୍ତି। କେବେ କେବେ ଭୂମିକାକୁ ତାଙ୍କ ମା' ପଦ୍ମାବତୀ କାଖେଇ ଆଣି ଗ୍ରାମରେ ଥିବା ଉନ୍ନିତ ଉଚ୍ଚ ବିଦ୍ୟାଳୟ ନିକଟରେ ଛାଡିଦେଇ ଯାଆନ୍ତି । ପରେ ସେ ନିଜ ସାଙ୍ଗମାନଙ୍କ ମେଳରେ ଗୁରୁଣ୍ଡି ଗୁରୁଣ୍ଡି ବିଦ୍ୟାଳୟକୁ ଆସିଥାନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ଭୂମିକାକୁ ଚାଲିବା ଓ ଖେଳିବା ଦେଖିବାକୁ ଚାହୁଁଥିବା ବେଳେ ମା' ବାପା ପ୍ରଶାସନର ସାହାଯ୍ୟ ଉପରେ ଆଶା ବାନ୍ଧି ରହିଛନ୍ତି। ଭୂମିକାକୁ ପ୍ରଶାସନ ପକ୍ଷରୁ ସ୍କୁଲ ଯିବା ଆସିବା ପାଇଁ ମାସିକ ୩ଶହ ଟଙ୍କା ଭତ୍ତା, ବାଣିଶ୍ରୀ ବୃତି ଯୋଜନାରେ ବର୍ଷକୁ ୨ଶହ ଟଙ୍କା ସହ ଦିବ୍ୟାଙ୍ଗ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି। କିନ୍ତୁ କୃତ୍ରିମ ଅଙ୍ଗ ଲଗାଇବାର ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା ବୋଲି ପରିବାର ଲୋକେ କହିଛନ୍ତି। ୭ବର୍ଷର ଭୂମିକାଙ୍କ ଆଖିରେ ରହିଛି ଅନେକ ସ୍ୱପ୍ନ। ରାଷ୍ଟ୍ରିୟ ବାଳ ସୁରକ୍ଷା ଯୋଜନା (ଆରବିଏସକେ) ନିୟମାନୁସାରେ ପ୍ରତ୍ୟେକ ସପ୍ତାହରେ ଏହାର ଅଧିକାରୀମାନେ ବିଦ୍ୟାଳୟକୁ ଯାଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସୁବିଧା ମୁତାବକ ସେବା ଯୋଗାଇ ଦେବାର ନିୟମ ରହିଛି। କିନ୍ତୁ ଭୂମିକାଙ୍କ ପାଇଁ କୃତ୍ରିମ ଅଙ୍ଗ ଯୋଡିବାରେ କାହିଁକି ବିଳମ୍ବ ହେଉଛି ସେ ନେଇ ପ୍ରଶ୍ନବାଚି ସୃଷ୍ଟି ହେଉଛି। ଆରବିଏସକେ ଅଧିକାରୀ ବାସୁଦେବ ରଥଙ୍କୁ ପଚାରିବାରୁ, ଭୂମିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷା କରାଯିବା ପରେ ଆବଶ୍ୟକ ପଡିଲେ କୃତ୍ରିମ ଅଙ୍ଗ ଯୋଡିବା ନିମନ୍ତେ ବାହାରକୁ ନେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।



ସାଙ୍ଗମାନଙ୍କ ସହ ଭୂମିକା ।


ଗ୍ୟାସ୍‌ରେ ପୋଡ଼ିହୋଇଥିବା ଗୁରୁତରଙ୍କୁ ଡାକ୍ତରଖାନା ନିଆଯାଉଛି।

■ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ

# ଗୋଟିଏ ପରିବାରର ୫ ଆହତ

**ପାପଡାହାଣ୍ଡି, ୧୩।୧୦ (ଡି.ଏନ.ଏ)**

ପାପଡାହାଣ୍ଡି ବ୍ଲକ ନୁଆକୋଟ ପଞ୍ଚାୟତ ଦସରାଭଙ୍ଗା ଗ୍ରାମର ମାଳି ସାହିରେ ଶନିବାର ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୫ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଯୋଗେନ୍ଦ୍ର ମାଝି, ଦେବ ମାଝି, ବୁଦେଇ ମାଝି, ଦଶମି ମାଝି ଓ ଲଛନ ଦେଇ ମାଝି। ସନ୍ଧ୍ୟାରେ ଘରେ ଗ୍ୟାସ୍ ଲିକ୍ ହେବା ପରିବାର ଲୋକ କେହି ଜାଣି ପାରି ନ ଥିଲେ। ଯୋଗେନ୍ଦ୍ର ଲାଇଟର ଲଗାଇବା ସମୟରେ ପ୍ରଥମେ ପୋଡି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ୪ ଜଣ ପୋଡି ଯାଇଥିଲେ। ସମସ୍ତଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ଗୁରୁତର ଯୋଗେନ୍ଦ୍ର ଓ ଦେବଙ୍କୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଛି।

ବଡଓଲମା ଆଶ୍ରମ ବିଦ୍ୟାଳୟ

# ଅଭିଭାବକ ସମ୍ମିଳନୀ

**ଡାବୁଗାଁ, ୧୩।୧୦ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ବଡଓଲମା ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ବିଶୋଇଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିଭାବକ ମାନଙ୍କୁ ଛାତ୍ରୀଛାତ୍ର ମାନଙ୍କର ଅଧିକାର, ଶିଶୁ ସୁରକ୍ଷା ଓ ଛୁଟିରେ ଛାତ୍ରୀଛାତ୍ର ମାନଙ୍କ ପାଠ ପଢା ପ୍ରତି ଅଭିଭାବକ ମାନେ ଧ୍ୟାନ ଦେବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ସଚେତନ କରିଥିଲେ। ଅଭିଭାବକ ମାନଙ୍କର ସହଯୋଗରେ ବିଦ୍ୟାଳୟର ଅଧିକ ଉନ୍ନତି ହୋଇପାରିବ ବୋଲି ପ୍ରଧାନ ଶିକ୍ଷକ ପଙ୍କଜ କୁମାର ଚୌଧୁରୀ କହିଥିଲେ। ଏହି ବୈଠକରେ ଶିକ୍ଷୟିତ୍ରୀ ରଶ୍ମୀରେଖା ସ୍ୱାଇଁ, ଦମୟନ୍ତୀ ସ୍ୱାଇଁ, ଲକ୍ଷ୍ମୀ କୁମାରୀ ନାୟକ, ଶୁଭ୍ରାଙ୍ଗିନୀ ମହାଳିକ ଓ ଶିକ୍ଷକ ଭୋଜରାଜ ମାଝୀ, ଅସିତ ପଣ୍ଡା, ଧନଞ୍ଜୟ ତାଣ୍ଡି, ଉମାକାନ୍ତ ବିଶ୍ୱାଳ, ଅବଦୁଲ ଗଫର, ଜଗଦୀଶ ସାହୁ ଏବଂ ଅବିଭାବକ ଓ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ ।


ବୈଠକରେ ଉପସ୍ଥିତ ଅଭିଭାବକମାନେ।











ନିଜର ଦୁର୍ବଳତା କେଉଁଠି ଅଛି ତାହା ଜାଣି ନ ପାରିବା ହିଁ ହେଉଛି ସବୁଠାରୁ ବଡ଼ ଦୁର୍ଭାଗ୍ୟ।
-ଟମାସ୍ କାର୍ଲାଇଲ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ପାପଡାହାଣ୍ଡି,୧୩।୧୦(ଡି.ଏନ.ଏ): ପାପଡାହାଣ୍ଡି ବ୍ଲକ ଦେଇଯାଇଥିବା ୨୬ ନଂ ଜାତୀୟ ରାଜପଥରେ ଶନିବାର ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ କୃଷ୍ଣ ଭତ୍ରା। ସ୍କୁଲ ଛୁଟି ହୋଇଯିବାରୁ ସେ ତାଙ୍କ ନାତି ଗଣେଶଙ୍କୁ ଧନସୂଲିରୁ ଏକ ସାଇକେଲରେ ଧରି ଫେରିବା ବେଳେ ଝିଟକଗୁଡା ନିକଟରେ ପଛପଟୁ ଏକ ପିକଅପ ଧକ୍କା ଦେଇଥିଲା ଏଥିରେ ଉଭୟ ଆହାତ ହୋଇଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ଦୁର୍ଘଟଣାରେ ୨ ଗୁରୁତର

ପାପଡାହାଣ୍ଡି,୧୩।୧୦(ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡେଙ୍ଗାଗୁଡା ପଞ୍ଚାୟତ ସଦର ମହକୁମା ମଶାଣି ରାସ୍ତା ନିକଟରେ ଶନିବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣା ଘଟି ପଦଲାମ ଭତ୍ରା ଓ ସହଦେବ ଭତ୍ରା ଆହତ ହୋଇଛନ୍ତି। ଉଭୟଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପଦଲାମଙ୍କୁ ନବରଙ୍ଗପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବାଇକରେ (ନଂ . ଓଡି୨୪ ସି-୬୧୩୪ ବାଇକରେ ସେମାନେ ପାପଡାହାଣ୍ଡି ଆସିବା ବେଳେ ଏହି ଦୁର୍ଘଟଣା ଘଟିଛି।

### ଜବତ ଗଞ୍ଜେଇ ଗାଡ଼ିର ମାଲିକ ଗିରଫ

ଜୟପୁର,୧୩।୧୦(ଡି.ଏନ୍.ଏ./ନି.ପ୍ର.): ଜୟପୁର ସଦରଥାନା ଗତ ଗୁରୁବାର ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଦୁଇଦିନ ଧରି ଛିଡ଼ା ହୋଇଥିବା ଏକ ମ୍ୟାକ୍ସ ପିକଅପ (ଓଆର ୨୪-୧୨୫୭) ଜବତ କରିଥିଲା। ସେଥିରୁ ୩ଟି ପଲିଥିନ ବସ୍ତାରେ ୭୦ କିଲୋ ୧୪୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହାର ତଦନ୍ତ ଚାଲିଥିବା ବେଳେ ଗାଡ଼ିର ମାଲିକ କଳାହାଣ୍ଡି ଜିଲା ଜୁନାଗଡ ଥାନା ପଲାସ ଗ୍ରାମର ତାଲେଶ୍ୱର ମେହେର ବୋଲି ଜଣାପଡ଼ିଥିଲା। ଜୁନାଗଡ ପୋଲିସ ସହାୟତାରେ ତାଙ୍କୁ ଗିରଫ କରାଯାଇ ଜୟପୁର ଅଣାଯିବା ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ପଚରାଉଚରା ବେଳେ ସେ କହିଛନ୍ତି ଯେ, ତାଙ୍କ ଡ୍ରାଇଭର ଅନ୍ୟ ଜଣଙ୍କ ସହ ଭଡ଼ାନେଇ ଆସିଥିଲେ। ଜଲାପୁଟରୁ ଗଞ୍ଜେଇ ନିଆଯାଉଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗାଡ଼ି ଅଟକିବା ସହ ଡ୍ରାଇଭର ତାଙ୍କୁ ଫୋନ୍ କରିଥିଲା। ସେ ଜୟପୁରରେ ପହଞ୍ଚି ଅନ୍ୟ ଏକ ଭଡ଼ା ଗାଡ଼ି ଦ୍ୱାରା ଟଣାଯାଇ ନିଜ ଗାଡ଼ିକୁ ଗାଁକୁ ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେହି ଗାଡ଼ିର ଚାଳକ ଆମ ଗାଡ଼ିରେ ଗଞ୍ଜେଇ ଥିବା ସନ୍ଦେହ କରି ଆଉ ଆଗକୁ ଯିବା ପାଇଁ ମାନ କରିଦେଇଥିଲେ। ଏହାପରେ ପୋଲିସ ଉକ୍ତ ଗାଡ଼ିକୁ ଜବତ କରିଥିଲା।

### ଖବରଦାତାଙ୍କୁ ଦୁର୍ବ୍ୟବହାର କରି କ୍ଷମା ମାଗିଲେ ପ୍ରଧାନଶିକ୍ଷକ

ମାଥିଲି,୧୩।୧୦(ଡି.ଏନ୍.ଏ.): ମାଲକାନଗିରି ଜିଲା ମାଥିଲି ବ୍ଲକର ଏକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ପରେ ସମସ୍ତ ଶିକ୍ଷକ ଏବଂ ସିଆରସିସିଙ୍କ ଉପସ୍ଥିତିରେ କ୍ଷମା ମାଗିଛନ୍ତି। ଏପରି ଅଭାବନୀୟ ଘଟଣା ଶନିବାର ବ୍ଲକର ଟେମୃପାଲି ପଞ୍ଚାୟତ ସଦର ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଧରିତ୍ରୀର ମାଥିଲି ଖବରଦାତା ବସନ୍ତ ସଗରିଆ ଗ୍ରାମବାସୀଙ୍କଠାରୁ ଖବରପାଇ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିଲେ। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅଭାବ ଥିବାରୁ ଖବର ସଂଗ୍ରହ ନେଇ ସେ ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷକ ତ୍ରିଲୋଚନ ନାୟକଙ୍କୁ ତଥ୍ୟ ମାଗିଥିଲେ। ମାତ୍ର ପ୍ରଧାନଶିକ୍ଷକ ନାୟକ ଉତ୍‌କ୍ଷିପ୍ତ ହୋଇପଡି କୌଣସି ତଥ୍ୟ ଦେବାକୁ ମନା କରି ଦେଇଥିଲେ। ଏଥିପାଇଁ ସେ ବିଇଓଙ୍କଠାରୁ ଅନୁମତି ଆଣିବାକୁ କହିଥିଲେ। ଅନ୍ୟପକ୍ଷରେ ଖବରଦାତା ସଗରିଆ ଲାଞ୍ଚ ମାଗୁଥିବା ନେଇ ମଧ ସେ ମିଥ୍ୟା ଆରୋପ କରିଥିଲେ। ପରେ ମାଥିଲିରେ ଶିକ୍ଷକ ଦିଲୀପ ରାଜୁ, ପୂର୍ବତନ ଶିକ୍ଷକ ପ୍ରଫୁଲ ମହାନ୍ତି ଏବଂ ଟେମୃପାଲି ସିଆରସିସି ମନୋରଞ୍ଜନ ଜେନାଙ୍କ ଉପସ୍ଥିତିରେ ସଗରିଆଙ୍କୁ ପ୍ରଧାନଶିକ୍ଷକ କ୍ଷମା ମାଗିଛନ୍ତି। ଭୁଲବଶତଃ ଏପରି କରିଥିବା ସେ ସ୍ୱୀକାର କରିଛନ୍ତି। ଏହି ଘଟଣାରେ ମାଥିଲି ଏବିଇଓ ସତ୍ୟ ଭତ୍ରା ଏବଂ ଡବ୍ଲ୍ୟୁଇଓ ଶଶିକାନ୍ତ ସାମନ୍ତରାୟ କହିଛନ୍ତି ଯେ , ଖବରଦାତା ଜଣକ ଲାଞ୍ଚ ମାଗି ନ ଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସ୍ଥିତି ସମ୍ପର୍କରେ ଖବର ଲେଖିବା ପାଇଁ ତଥ୍ୟ ମାଗିଥିଲେ।

■ ବିଦେଶୀ ମଦ ଦୋକାନକୁ ବିରୋଧ

# ଘେରିଲେ ମହିଳା, ରାସ୍ତା ରୋକିଲେ ପୁରୁଷ

ଜୟପୁର,୧୩।୧୦(ନି.ପ୍ର./ଡି.ଏନ୍.ଏ.)



ମଦଦୋକାନକୁ ଘେରାଉ କରି ବସିରହିଛନ୍ତି ମହିଳାମାନେ।

ଜୟପୁର ଗାନ୍ଧୀଛକ କେନାଲ ରୋଡରେ ମଦ ଦୋକାନ ବନ୍ଦ କରିବା ପାଇଁ ଦାବି ରଖି ମହିଳାମାନେ ଦୋକାନକୁ ଘେରିଥିବା ବେଳେ ପୁରୁଷମାନେ ରାସ୍ତାରୋକୋ କରିଛନ୍ତି। ଗତ ୪ ତାରିଖ ଏହି ଦୋକାନକୁ ବିରୋଧ କରି ସେମାନେ ରାସ୍ତାରୋକୋ କରିଥିବା ବେଳେ ଶନିବାର ପୁଣି ସେହିଭଳି ବିରୋଧ ଦୋହରାଇଛନ୍ତି।

ସୂଚନା ଅନୁଯାୟୀ, ପୌରାଞ୍ଚଳର ୧୫ ନଂ ୱାର୍ଡ଼ର କେଲା ନଗର ସମ୍ବାରତୋଟାରେ ବିଦେଶୀ ମଦ ଦୋକାନ ଖୋଲିଛି। ଏହି ଦୋକାନ ରାଞ୍ଚି- ବିଜୟୱାଡ଼ା ଜାତୀୟ ରାଜପଥ କଡ଼ରେ ଥିବାବେଳେ ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଥିଲେ। ଉକ୍ତ ଦୋକାନୀ ହାଇକୋର୍ଟଙ୍କୁ ମିସ ଗାଇଡ କରିବା ସହ ମଦ ଦୋକାନ ଖୋଲିବା ପାଇଁ ୱାର୍ଡ଼ କମିଟିର ଅନୁମତି ମଧ ନେଇନାହାନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କିଛି ପଦକ୍ଷେପ ନେଇନାହିଁ। ଉକ୍ତ ଅଞ୍ଚଳଟି ଜନବସତି ଅଞ୍ଚଳ ହୋଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ, ଘରୋଇ କଲେଜ, ମାଣ୍ଡିଆଭଟ୍ଟା ପ୍ରାଥମିକ ବିଦ୍ୟାଳୟ ସହ ୫ରୁ ଅଧିକ ମନ୍ଦିର ରହିଛି। ମଦ ଦୋକାନ ପାଇଁ ଛାତ୍ରୀଛାତ୍ର, ମହିଳା ଯୁବତୀ ଅସଦାଚରଣର ଶୀକାର ହେବା ଆଶଙ୍କା ରହିଥିଲା। ଏହାର ପ୍ରତିବାଦରେ ଶହ ଶହ ମହିଳା ଓ ପୁରୁଷ ଜାତୀୟ ରାଜପଥ ଅବରୋଧ କରିଥିଲେ। ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ମଦ ଦୋକାନ ବନ୍ଦ ନହେଲେ ଆଗାମୀ ଦିନରେ ଦୋକାନ ଭଙ୍ଗାରୁଜା କରିବାକୁ ବାଧହେବୁ ବୋଲି କାଉନସିଲର ବି. ରାବଣାଙ୍କ ସମେତ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

■ ଟ୍ରାକ୍ଟର ଦୁର୍ଘଟଣା

# ଝିଅକୁ ବଞ୍ଚାଇବାକୁ ଯାଇ ମା'ଙ୍କ ଜୀବନ ଗଲା

ସେମିଳିଗୁଡ଼ା,୧୩।୧୦(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ଖୁଦି ପଞ୍ଚାୟତର ମାଳିମାର୍ଲା ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଟ୍ରାକ୍ଟର ଦୁର୍ଘଟଣାରୁ ନିଜ ଛୋଟ ଝିଅକୁ ବଞ୍ଚାଇବାକୁ ଯାଇ ମା'ଙ୍କ ଜୀବନ ଯାଇଛି। ମୃତ ମହିଳା ଜଣକ ହେଲେ ତୁଳାବତୀ ଗୁର୍ଣ୍ଣା। ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଲବଘନ ଗୁଣ୍ଡାଙ୍କ ସ୍ତ୍ରୀ ତୁଳାବତୀ ନିଜ ସାନ ଝିଅ ସହ ଘରକୁ ଫେରୁଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଗୋଟିଏ ଟ୍ରାକ୍ଟର (ଓଆର୍ ୧୦ ଜେ ୮୫୧୮) ହଠାତ୍ ନିୟନ୍ତ୍ରଣ ହରାଇ ଝିଅ ଆଡ଼କୁ ମାଡ଼ିଆସିଥିଲା। ଝିଅକୁ ବଞ୍ଚାଇବା ପାଇଁ ଉଦ୍ୟମ କରି ତୁଳାବତୀ ଟ୍ରାକ୍ଟର ସାମ୍ନାକୁ ଚାଲିଆସିଥିଲେ। ଫଳରେ ଟ୍ରାକ୍ଟର ତାଙ୍କ ଉପରେ ମାଡ଼ିଯାଇ ରାସ୍ତାରେ ଓଲଟି ପଡ଼ିଥିଲା। କୁନିଝିଅର ଆଖି ସାମ୍ନାରେ ହିଁ ମା'ଙ୍କ ଜୀବନ ଦୀପ ଲିଭିଯାଇଥିଲା। ଏହି ଘଟଣା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ କ୍ଷତିପୂରଣ ଦାବିରେ ୨ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଖବର ପାଇ ପଟ୍ଟାଙ୍ଗି ଥାନା ଆଇଆଇସି ଦେବ କୁମାର ଗମାଙ୍ଗ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଟ୍ରାକ୍ଟର ମାଲିକଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ୧ଲକ୍ଷ ୬୦ ହଜାର ଟଙ୍କା ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆଇଆଇସି ଗମାଙ୍ଗ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି।

■ ସ୍ୱାଭିମାନ ଅଞ୍ଚଳରେ ଗୁଳି ବିନିମୟ ଘଟଣା

# ୩ମହିଳାଙ୍କ ସମେତ ୪ ମାଓବାଦୀ ଅଟକ

ମାଲକାନଗିରି,୧୩।୧୦(ଡି.ଏନ.ଏ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ଶୁକ୍ରବାର ମାଓବାଦୀ-ପୋଲିସ ଗୁଳି ବିନିମୟ ବେଳେ ମାଓବାଦୀ ମହିଳା କମାଣ୍ଡର ମୀନାଙ୍କ ମୃତ୍ୟୁ ହୋଇଥିଲା। ଶନିବାର ତାଙ୍କ ମୃତଦେହ ମାଲକାନଗିରି ଜିଲା ପୋଲିସ କାର୍ଯ୍ୟାଳୟରେ ଆସି ପହଞ୍ଚିଛି। ମୀନାଙ୍କ ନିଜ ଘର ଆନ୍ଧ୍ରପ୍ରଦେଶ ୱାରାଙ୍ଗଲ ଜିଲା କଚିନପେଟା ଗ୍ରାମରେ। ତାଙ୍କ ପରିବାର ଲୋକେ ମୃତଦେହ ନେବା ପାଇଁ ଆସୁଥିବା ଜଣାପଡିଛି। ଅନ୍ୟ ପକ୍ଷରେ କୋମ୍ବିଂ ସମୟରେ ପୋଲିସ ୪ଜଣ ମାଓବାଦୀଙ୍କୁ ଧରିଛି। ସେମାନଙ୍କୁ ଆଣି ଅଟକ ରଖିଛି। ଏମାନଙ୍କଠାରୁ ବନ୍ଧୁକ, ବିସ୍ଫୋରକ, ବ୍ୟାନର, କିଟ ବ୍ୟାଗ୍ ସହ ଅନେକ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଅଟକ ମାଓବାଦୀମାନେ ଆନ୍ଧ୍ର ଓଡିଶା ବର୍ଡର ଜୋନାଲ କମିଟି ଅନ୍ତର୍ଗତ ମାଲକାନଗିରି, ବିଶାଖାପାଟଣା ଓ କୋରାପୁଟ ଡିଭିଜନର କ୍ୟାଡର ଭାବେ ବହୁବର୍ଷ ଧରି କାର୍ଯ୍ୟ କରୁଥିଲେ। ଏମାନେ ମୀନାଙ୍କ ଗ୍ରୁପ୍‌କୁ ସୁରକ୍ଷା ଦେଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଏସ୍‌ପି ଜଗମୋହନ ମୀନା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅନ୍ୟପକ୍ଷରେ ମୀନାଙ୍କ ମୃତ୍ୟୁ ଲାଲବାହିନୀକୁ ଏକ ଶକ୍ତଧକ୍କା ଦେଇଛି। ଗତ କିଛିଦିନ ପୂର୍ବେ ଆନ୍ଧ୍ରପ୍ରଦେଶ, ବିଶାଖାପାଟଣା ଓ କୋରାପୁଟ ସୀମାନ୍ତ ଆରକୁଠାରେ ଜଣେ ବିଧାୟକ ଓ ଜଣେ ପୂର୍ବତନ ବିଧାୟକଙ୍କୁ ମାଓବାଦୀମାନେ ହତ୍ୟା କରିବା ପରେ ଲାଲବାହିନୀକୁ ଦମନ କରିବାକୁ କେନ୍ଦ୍ର ସରକାର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ସ୍ଥିତିରେ ଓଡିଶା, ଆନ୍ଧ୍ର ଓ ଛତିଶଗଡର ପୋଲିସ ମୁଖ୍ୟଙ୍କ ପକ୍ଷରୁ ଘନ ଘନ ବୈଠକ କରି ମାଓବାଦୀ ନିପାତ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ସ୍ୱାଭିମାନ ଅଞ୍ଚଳରେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଆନ୍ଧ୍ର ଗ୍ରେହାଉଣ୍ଡ ଓ ୫ଶହରୁ ଊର୍ଦ୍ଧ୍ୱ ଓଡିଶା ଏସ୍‌ଓଜି ଓ ଡିଭିଏଫ୍ ଯବାନ ଗତ ୫ଦିନ ଧରି କୋମ୍ବିଂ ଅପରେଶନ ଚଳାଇଛନ୍ତି।

### ପୋଲିସ ସ୍ମୃତି ଉତ୍ସବ ପାଳିତ

ବାଲିମେଳା,୧୩।୧୦(ଡି.ଏନ.ଏ.)

ବାଲିମେଳା ଓର୍କେଲ ପୋଲିସ ପକ୍ଷରୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟଠାରେ ପୋଲିସ ସ୍ମୃତି ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଶହୀଦ ଆନନ୍ଦ ଦେବ ମଲ୍ଲିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ରୂପେ ଶହୀଦ ଆନନ୍ଦଙ୍କ ମାଆ ରୁକ୍ମଣୀ ମଲ୍ଲିକ, ସମ୍ମାନିତ ଅତିଥି ପ୍ରଧାନଶିକ୍ଷକ ଅଜୟ କୁମାର ନାୟକ, ଥାନା ଅଧିକାରୀ ଜଗଦିଶ ବାରା, ଏସଆଇ ରବି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଗୋଛି ପରିଚାଳନା କରିଥିଲେ। ପୋଲିସର କାର୍ଯ୍ୟ ଓ ସଡକ ସୁରକ୍ଷା ଉପରେ ଅତିଥିମାନେ ପିଲାମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ।

# ଏନ୍‌ଏଚ୍ ପାର୍ଶ୍ୱରୁ ହଟିଲା ଅସ୍ଥାୟୀ ଦୋକାନ

ଜୟପୁର,୧୩।୧୦ (ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଲରୀ ମାଲିକ ସଂଘ କାର୍ଯ୍ୟାଳୟରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପୂର୍ବରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହାପରେ ବେପାରୀମାନେ ଅସ୍ଥାୟୀ ଦୋକାନ ଓ ସେଡ ନିର୍ମାଣ କରି ବ୍ୟବସାୟ ଚଳାଇଥିଲେ। ଫଳରେ ପୁଣି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ତେଣୁ ଶନିବାର ପୌରସଂସ୍ଥା ଓ ପ୍ରଶାସନ ସେହି ଅସ୍ଥାୟୀ ଦୋକାନଗୁଡ଼ିକୁ ପୁଣି ଉଚ୍ଛେଦ କରିଛି। ରାସ୍ତାପାର୍ଶ୍ୱରେ ବିଭିନ୍ନ ଗ୍ୟାରେଜ, ଟ୍ରକ ଓ ଲରୀ ସଂଘ କାର୍ଯ୍ୟାଳୟ ଥିବା ଯୋଗୁଁ ଟ୍ରକ, ୪ଚକିଆ ଏବଂ ଅନ୍ୟ ଭାରିଯାନ ଅଟକି ରହୁଛି। ସେହିପରି ଟାଉନଥାନା, ପେଟ୍ରୋଲ ପମ୍ପ ଏବଂ ଶ୍ରୀକ୍ରଷ୍ଣା ଟକିଜ ସମ୍ମୁଖରେ ଘରୋଇ ବସ୍‌ଗୁଡ଼ିକ ଅଟକି ରହୁଛି ଏବଂ ଅନ୍ୟ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଓ ଘରୋଇ କାର୍ଯ୍ୟାଳୟ ଆଗରେ ମଧ ଗାଡ଼ି ଅଟକି ରହିବା ଯୋଗୁଁ ରାସ୍ତା ଅବରୋଧ ହେଉଛି। ଜବରଦଖଲ ହୋଇଥିବା ଏହି ଉଚ୍ଛେଦ ରାସ୍ତାର ପାର୍ଶ୍ୱକୁ ନୋ ପାର୍କିଂ ଜୋନ୍ ଭାବେ ଘୋଷଣା କରାଯାଇଛି। ତେଣୁ ଅନ୍ୟ ଟ୍ରକ ଓ ଗାଡ଼ିଗୁଡ଼ିକୁ କ୍ରେନ ସାହାଯ୍ୟରେ ଉଠାଯାଇଥିଲା। ଅନ୍ୟପକ୍ଷରେ ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଏହି ନୋ ପାର୍କିଂ ଜୋନରେ ବ୍ୟାଙ୍କ ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ଥିବା ଯୋଗୁଁ ପ୍ରଥମେ ପାର୍କିଂ ବ୍ୟବସ୍ଥା କରି ପରେ ଏହାକୁ ନୋ ପାର୍କିଂ ଜୋନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ତହସିଲଦାର ରଞ୍ଜିତା ମଲ୍ଲିକ ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ହୋଇଥିଲା।

# ଯୋଗାଣ ସହାୟକଙ୍କ ବଦଳି ଦାବିରେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ



ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ରାଇଘର, ୧୩।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ପରଚିପାରା ପଞ୍ଚାୟତର ଯୋଗାଣ ସହାୟକଙ୍କ ବଦଳି ଦାବି କରି ଲୋକେ ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏ ନେଇ ବିଡିଓଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡମେମ୍ବରମାନଙ୍କୁ ଦାବିପତ୍ର ଦେଇଛନ୍ତି। ଡୁମୁଡା, ଧୋଡ୍ରା, ସିମୋଡା, ଆଦିବାସୀ ପାରା ଓ ପରଚିପାରା ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ଲୋକ ଏହି ଦାବି ନେଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ତେଣୁ ତୁରନ୍ତ ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସେମାନେ ସରପଞ୍ଚ ଆଶାରାମ ଗଣ୍ଡଙ୍କୁ ଦାବି ଜଣାଇଛନ୍ତି। ତେବେ ଏନେଇ ଯୋଗାଣ ସହାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ୧୦୨ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ

ଦଶମନ୍ତପୁର,୧୩।୧୦(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ପଞ୍ଚାୟତ ପକ୍ଷରୁ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ହୀରାମଣି ଗଦବା ମୁଖ୍ୟ ଅତିଥିଭାବେ ଯୋଗଦେଇ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରିଛନ୍ତି ।ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଫୁଲବେଡ଼ା ପଞ୍ଚାୟତର ୧୮୦ ଜଣ ଦରଖାସ୍ତ କରିଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦୨ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଖରା, ନାଏବ ସରପଞ୍ଚ ମକର ଗୋଲରୀ , ପୂର୍ବତନ ନାଏବ ସରପଞ୍ଚ ନୀଳମାଧବ ପ୍ରଧାନୀ, ଡମ୍ବରୁଧର ଗଦବା, ଗୁରୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାଗେଶ୍ୱର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ସୁରଭି'ରେ ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ନବରଙ୍ଗପୁର,୧୩।୧୦(ବି.ପ୍ର.)



ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନେ।

ନବରଙ୍ଗପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ନବରଙ୍ଗପୁର ସଦର ମହକୁମାର ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାପୀଠ ଓ ଏକ୍ସବୋର୍ଡ ବିଦ୍ୟାଳୟ ଠାରେ ସୁରଭି କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରର ବିଦ୍ୟାଳୟ ଛାତ୍ରୀଛାତ୍ର ମାନଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ପାଇଥିବା ପ୍ରତିଯୋଗୀମାନେ ଆସନ୍ତା ୨୬ରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବେ। ଦିବ୍ୟାଙ୍ଗ ବର୍ଗରେ କୃତୀ ପ୍ରତିଯୋଗୀ ସନ୍ତୋଷି ଷଡଙ୍ଗୀଙ୍କୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ଲଳିତ କୁମାର ଦାଶ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ଲେଖା, କବିତା, ବ୍ୟଙ୍ଗ ରଚନା, ଲଘୁ କଥା, ଚିତ୍ର ଓ କ୍ଷୁଦ୍ର ଗଳ୍ପ ଆଦି ଆହ୍ୱାନ କରାଯାଇଥିଲା। ଏହା କାର୍ଯ୍ୟାଳୟର 'ମୋ ଲେଖା' ନାମକ ଏକ ବାକ୍ସରେ ପକାଇବେ। କ୍ଲଷ୍ଟର ସ୍ତରରେ ଭାଗ ନେଇଥିବା ଛାତ୍ରୀ ଛାତ୍ରଙ୍କ ଦ୍ୱାରା ଶ୍ରେଷ୍ଠ ଚିତ୍ରାଙ୍କନ, ପ୍ରବନ୍ଧକୁ ବ୍ଲକ ସ୍ତରରେ ହେବାକୁ ଥିବା ଶିଶୁ ମହୋତ୍ସବ ସୁରଭି ୨୦୧୮ ଗ୍ୟାଲେରୀରେ ସ୍ଥାନିତ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏବିଇଓ ଜଗବନ୍ଧୁ ସୌରା ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାପୀଠରେ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ମାନଙ୍କ ସମେତ କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ମାନେ ଯୋଗ ଦେଇ ଥିଲେ।

# ଆହତଙ୍କୁ ସହାୟତାର ହାତ ବଢାଇଲେ ବିଧାୟକ



ମେଡିକାଲରେ ବ୍ରହ୍ମଗିରି ବିଧାୟକଙ୍କ ସହ ଅନ୍ୟମାନେ।

ପାପଡାହାଣ୍ଡି, ୧୩।୧୦ (ଡି.ଏନ.ଏ)

ପାପଡାହାଣ୍ଡି ବ୍ଲକ ନୂଆକୋର୍ଟ ଗ୍ରାମର ସରୋଜ ଜାଲ ଗତ ରବିବାର ଦୁର୍ଘଟଣାରେ ଗୁରୁତର ଆହାତ ହୋଇ ଗୋଡ ଭାଙ୍ଗିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅପରେଶନ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ କରି ପାରିଲେ ନାହିଁ। ଶେଷରେ ନିଜ ସମ୍ପର୍କୀୟଙ୍କ ସହାୟତାରେ କୋରାପୁଟ ଜିଲା ଲମତାପୁଟର ଘରୋଇ ଚିକତ୍ସାଳୟରେ ଚିକିତ୍ସିତ ହେଲେ। ଅପରେଶନ ପାଇଁ ଅର୍ଥ ନେଇ ପରିବାର ଲୋକ ଚିନ୍ତିତ ହୋଇପଡିଥିଲେ। ଆରସିଏମଏସ ସଭାପତି ସୁଶାନ୍ତ ବେହେରା ଏ ନେଇ ଜିଲା ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟଦାସ ବର୍ମାଙ୍କୁ ଜଣାଇଥିଲେ। ସେ ନିଜସ୍ୱ ଖର୍ଚ୍ଚରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭୁବନେଶ୍ୱର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କର ସେଠାରେ ଅପରେସନ ହେବ। ତାଙ୍କର ସମସ୍ତ ଚିକିତ୍ସା ବର୍ମା ବହନ କରିବେ ବୋଲି କହିଛନ୍ତି। ପାପଡାହାଣ୍ଡି ବ୍ଲକର ଏମପି ପ୍ରତିନିଧି ସ୍ୱାଧିନ ପଟନାୟକ, ସୁଶାନ୍ତ ବେହେରା, ରମେଶ ସତନାମି ପ୍ରମୁଖ ମେଡିକାଲରେ ଉପସ୍ଥିତ ରହିବା ସହ ମନ୍ତ୍ରୀଙ୍କ ବଦାନତାକୁ ଧନ୍ୟବାଦ ଜଣାଇଛନ୍ତି।

# ମାଲକାନଗିରିରେ ପହଞ୍ଚିଲା ଗାନ୍ଧୀ ଜ୍ୟୋତି ଯାତ୍ରା

ମାଲକାନଗିରି,୧୩।୧୦(ଡି.ଏନ.ଏ)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଓଡିଶା ଗାନ୍ଧିବାଦୀ ଫୋରମ ପକ୍ଷରୁ ରାଜ୍ୟ ସରକାରଙ୍କ ସହଯୋଗରେ ଶୁକ୍ରବାର ଗାନ୍ଧୀ ଜ୍ୟୋତି ଯାତ୍ରା ମାଲକାନଗିରିରେ ପହଞ୍ଚିବା ପରେ ଶନିବାର ଜିଲା ପ୍ରଶାସନ ଓ ଜିଲାବାସୀଙ୍କ ପକ୍ଷରୁ ଜ୍ୟୋତି ଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହର ପରିକ୍ରମା ସମୟରେ ବହୁ ବିଦ୍ୟାଳୟର ବିଦ୍ୟାର୍ଥୀ, ସଙ୍ଗଠନ ଓ ସାମାଜିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ଉପ ଜିଲାପାଳ ରାମେଶ୍ୱର ନାୟକ ଓ ପି.ଏ. ଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଉତ୍ସବରେ ମହାତ୍ମା ଗାନ୍ଧୀଙ୍କ ଏହି ସଦ୍‌ଭାବନା ଜ୍ୟୋତି ଯାତ୍ରାକୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗାନ୍ଧୀଙ୍କ ଆଦର୍ଶରେ ଆଜି ମଧ ସାରା ବିଶ୍ୱ ଅନୁପ୍ରାଣିତ ହେଉଛି। ମହାତ୍ମା ଗାନ୍ଧୀଙ୍କ ଅହିଂସା, ମୈତ୍ରୀ ଓ ସଦ୍‌ଭାବନାରେ ଯୁବପିଢି ଅନୁପ୍ରାଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଦିଲ୍ଲୀ ରାଜଘାଟରୁ ବାହାରିଥିବା ଏହି ଜ୍ୟୋତି ଯାତ୍ରା ୩୦ଟି ଜିଲାକୁ ପରିକ୍ରମା କରିବ। ଅନ୍ୟମାନଙ୍କ ମଧ୍ୟରେ ଫୋରମର ସଭାପତି ଡ. ରୀନା ରାଉତରାୟ, ଉପସଭାପତି ବିଶ୍ୱଜିତ ସୂର୍ଯ୍ୟବଂଶୀ, ଉପଦେଷ୍ଟା ଗୋପାଳ ଓଝା, ବିଧାୟକ ମାନସ ମାଡକାମି, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅଧାପକ ରଞ୍ଜନ କୁମାର ଦାସ, ବିନାଶ ମିଶ୍ର ଜ୍ୟୋତି ଯାତ୍ରାରେ ସାମିଲ ହୋଇଥିଲେ।



ମାଲକାନଗିରିରେ ପହଞ୍ଚିଥିବା ଜ୍ୟୋତି ଯାତ୍ରା।

### ଛିଣ୍ଡାନଈ ସାହିତ୍ୟ ସଂସଦର ପତ୍ରିକା 'ଶୁଭ୍ରାଶ୍ରୀ' ଉନ୍ମୋଚିତ

ଜୟପୁର,୧୩।୧୦(ଡି.ଏନ୍.ଏ.)

ଛିଣ୍ଡାନଈ ସାହିତ୍ୟ ସଂସଦ ଜୟପୁର ଏବଂ କଟକ ଶାଖା ପକ୍ଷରୁ ମିଳିତ ଭାବେ ଏକ କାର୍ଯ୍ୟକ୍ରମରେ 'ଶୁଭ୍ରାଶ୍ରୀ' ପତ୍ରିକାର ଶୁଭ ଉନ୍ମୋଚନ ହୋଇଛି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ କବି ମନମୋହନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ବିବେକାନନ୍ଦ ମିଶ୍ର, ମୁଖ୍ୟବକ୍ତା ଭାବେ ଡ. ସୁରେଶ ଦାଶ, ସମ୍ମାନିତ ଅତିଥି ଭାବେ ଡିଆଇଇଟି ଅଧକ୍ଷ ଡ. ନୀଳାଞ୍ଚଳ ପ୍ରଧାନ ଏବଂ କବି ଜଳଧର ସ୍ୱାଇଁ ଯୋଗ ଦେଇଥିଲେ। ସଂପାଦକ ଯୁଧିଷ୍ଠିର ମଲ୍ଲିକ ସଂପାଦକୀୟ ପାଠ, କାର୍ଯ୍ୟକାରୀ ସଂପାଦକ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଏବଂ ସହ ସଂପାଦକ ସୁଧାଂଶୁ ଖେଶର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପରେ ସଂଗଠନ ସଂପାଦକ କୃଷ୍ଣଚନ୍ଦ୍ର ହୋତାଙ୍କ ଅଧକ୍ଷତାରେ କବିତା ପାଠ ଉତ୍ସବ ହୋଇଥିଲା।

